# NATIONAL NEWS BULLETIN (ODIA)

## 29th May - 2026

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଦେଶର ଜନସାଧାରଣଙ୍କୁ ସୁରକ୍ଷା, ସୀମାକୁ ସୁରକ୍ଷିତ କରିବା ଏବଂ ଅବୈଧ ପ୍ରବାସନ ଦୂର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- କୃଷକମାନଙ୍କୁ ବିହନ ଉପଲବ୍ଧତା ସୁନିଶ୍ଚିତ କରିବାପାଇଁ ସ୍ଥାପନା ହୋଇଛି ୧ ଲକ୍ଷ ୭୪ ହଜାର କୁଇଣ୍ଟାଲ୍ କ୍ଷମତାବିଶିଷ୍ଟ ଜାତୀୟ ବିହନ ଭଣ୍ଡାର ।

- ନୀଟ୍ ପୁନଃ ପରୀକ୍ଷାକୁ ତ୍ରୁଟିମୁକ୍ତ ଓ ବ୍ୟବସ୍ଥିତ ଉପାୟରେ ପରିଚାଳନା କରାଯିବା ନେଇ ଦୃଢ଼ୋକ୍ତି ପ୍ରକାଶ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଦେଶର ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ତମାଖୁ ମୁକ୍ତ କରିବା ଲକ୍ଷ୍ୟରେ ଆରମ୍ଭ ହେଲା ଟୋଫେଇ ଆପ୍‌ର ପାଇଲଟ୍ ସଂସ୍କରଣ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଟସ୍ ଜିତି ରାଜସ୍ଥାନ ରୟାଲ୍‌ସ୍‌ର ବ୍ୟାଟିଂ ନିଷ୍ପତ୍ତି ।

## ଶାହା - ଭୁଜ୍ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଦେଶର ଜନସଂଖ୍ୟାକୁ ସୁରକ୍ଷା ଦେବାପାଇଁ ସୀମାକୁ ସୁରକ୍ଷିତ କରିବା ଏବଂ ଅବୈଧ ପ୍ରବାସନ ଦୂର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜି ଗୁଜରାଟ୍‌ର ଭୁଜ୍‌ଠାରେ ଭାରତ-ପାକିସ୍ତାନ ସୀମାରେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ଜି-ସେଭେନ୍ ଏବଂ ଏବଂ ଜି-ଥାର୍ଟିନ୍ ସୀମାନ୍ତ ଆଉଟ୍‌ପୋଷ୍ଟ୍‌ଗୁଡ଼ିକୁ ଉଦ୍‌ଘାଟନ କରିବା ପରେ ସୈନିକ ଏବଂ ସାଧାରଣ ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶାହା ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଏକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଲିକ୍ ପ୍ରୁଫ୍ ସୁରକ୍ଷା ଗ୍ରୀଡ୍ ପ୍ରତିଷ୍ଠା କରିବା ପାଇଁ ଡ୍ରୋନ୍, ରାଡାର୍ ଏବଂ ଆଧୁନିକ ବାଡ଼ର ଉପଯୋଗ କରୁଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ଚତୁର୍ପାକ୍ଷିକ ସୁରକ୍ଷା ଗ୍ରୀଡ଼ ପ୍ରଚଳନ ସହିତ ସୀମା ପରିଚାଳନାରେ ଏକ ପ୍ରମୁଖ ଢାଞ୍ଚାଗତ ପରିବର୍ତ୍ତନର ଘୋଷଣା କରିଛନ୍ତି । ୬ ଦଶନ୍ଧି ଧରି ଦେଶର ସେବା କରୁଥିବା ସୀମା ସୁରକ୍ଷା ବାହିନୀକୁ ଶ୍ରୀ ଶାହା ପ୍ରଶଂସା କରିଥିଲେ । ମାତୃଭୂମିପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ୨ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ପୂର୍ବରୁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଯେପରିକି ସାର୍‌କ୍ରିକ୍, ହରାମି-ନାଲାକୁ ଏବେ ୱାଚ୍ ଟାୱାର ଏବଂ ସଂଯୋଗକାରୀ ରାସ୍ତା ସହିତ ସୁଦୃଢ଼ କରାଯାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ସମଗ୍ର ଅଞ୍ଚଳ ବାହ୍ୟ ବିପଦରୁ ସୁରକ୍ଷିତ ହୋଇପାରିବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅନ୍ତର୍ଜାତୀୟ ସୀମା ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେବା ସହ ଦୀର୍ଘଦିନ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତ ଘଟିଛି । ରାଜ୍ୟ ସରକାର ଏକ ସପ୍ତାହ ମଧ୍ୟରେ ସୀମାରେ ବାଡ଼ ଦେବାପାଇଁ ଜମି ଯୋଗାଇ ଦେଇଛନ୍ତି । କାର୍ଯ୍ୟକ୍ରମରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍‌ଙ୍କ ସମେତ ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଘ୍‌ଭି ପ୍ରମୁଖ ଉପସ୍ଥିତ ଥିଲେ ।

## ଚୌହାନ୍ - କନ୍‌ଫରେନ୍ସ

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ତି, ଚାଷୀମାନଙ୍କୁ ବିହନ ଉପଲବ୍ଧତା ସୁନିଶ୍ଚିତ କରିବାପାଇଁ ୧ ଲକ୍ଷ ୭୪ ହଜାର କୁଇଣ୍ଟାଲ୍‌ର ଏକ ଜାତୀୟ ବିହନ ଭଣ୍ଡାର ସ୍ଥାପନ କରାଯାଇଛି । ନୂଆଦିଲ୍ଲୀରେ ଖରିଫ୍ ଅଭିଯାନ-୨୦୨୬ପାଇଁ ଜାତୀୟ କୃଷି ସମ୍ମିଳନୀର ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, ଏପର୍ଯ୍ୟନ୍ତ ୯ ଲକ୍ଷ ୭୬ ହଜାର ଚାଷୀଙ୍କ ପରିଚୟ ପତ୍ର ସୃଷ୍ଟି କରାଯାଇଛି । ଚାଷୀମାନଙ୍କୁ ବିଭିନ୍ନ

ଯୋଜନାର ସୁଫଳ ପାଇବାପାଇଁ ପୃଥକ୍ ଦସ୍ତାବିଜ୍‌ର ଆବଶ୍ୟକତା ପଡ଼ିବ ନାହିଁ । ସାର ବଣ୍ଟନରେ ସ୍ୱଚ୍ଛତା, କଳାବଜାରୀ ରୋକିବା ଏବଂ ପ୍ରକୃତ ହିତାଧିକାରୀଙ୍କୁ ଉପଯୁକ୍ତ ଯୋଗାଣ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଶ୍ରୀ ଚୌହାନ୍ ଗୁରୁତ୍ୱାରୋପ କରିଛନ୍ତି । କୃଷିଋଣ ଏବଂ କିଷାନ୍ କ୍ରେଡିଟ୍ କାର୍ଡ଼ ସମ୍ପର୍କରେ ଘୋଷଣା କରି ମନ୍ତ୍ରୀ କହିଛନ୍ତି, ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ରଖି କୃଷିଋଣର ଉପଲବ୍ଧତାକୁ ସମ୍ପ୍ରସାରିତ କରିବାପାଇଁ ବ୍ୟାଙ୍କ୍‌ଗୁଡ଼ିକ ସହିତ ଶୀଘ୍ର ଆଲୋଚନା କରାଯିବ । ଶ୍ରୀ ଚୌହାନ୍ ମଧ୍ୟ ରାଜ୍ୟଗୁଡ଼ିକୁ ବିଚାରାଧୀନ କିଷାନ୍ କ୍ରେଡିଟ୍ କାର୍ଡ଼ ମାମଲାଗୁଡ଼ିକର ସମୀକ୍ଷା କରିବା ଏବଂ ଚାଷୀଙ୍କ ପ୍ରକୃତ ଆବଶ୍ୟକତା ଆଧାରରେ ଋଣ ବ୍ୟବସ୍ଥାକୁ ମଜବୁତ କରିବାପାଇଁ ଅନୁରୋଧ କରିଛନ୍ତି । ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ଅଭୂତପୂର୍ବ ସଫଳତା ହାସଲ କରିଛି । ଦେଶର ମୋଟ୍ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୩୭୬ ନିୟୁତ ଟନ୍‌ରୁ ଅଧିକ ହୋଇଛି, ଯାହା ଏପର୍ଯ୍ୟନ୍ତ ସର୍ବାଧିକ ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

## ଏସ୍.ସି. - ନୀଟ

ନୀଟ୍‌-ୟୁ.ଜି. ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ତ୍ରୁଟିପାଇଁ ଉତ୍ତରଦାୟିତା ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ବିଚାରପତି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଆଲୋକ ଆରାଧେ'ଙ୍କ ଖଣ୍ଡପୀଠ' ଡାକ୍ତରୀ ପ୍ରବେଶିକା ପରୀକ୍ଷା ପରିଚାଳନାପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ.କୁ

ଏକ ଦୃଢ଼ ଏବଂ ସ୍ୱାୟତ୍ତ ସଂସ୍ଥା ସହ ବଦଳାଇବା କିମ୍ବା ଏହାର ପୁନର୍ଗଠନ ନେଇ ହୋଇଥିବା ଆବେଦନର ଶୁଣାଣି କରି ଏହା କହିଛନ୍ତି । ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ଦ୍ୱିତୀୟ ସପ୍ତାହକୁ ଧାର୍ଯ୍ୟ କରିଛନ୍ତି । ସରକାର ଯୁବପିଢ଼ିଙ୍କ ସ୍ୱାର୍ଥରକ୍ଷା ଲାଗି ଚିନ୍ତିତ ଅଛନ୍ତି । ଏହାର ସମାଧାନପାଇଁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ । ଆସନ୍ତା ମାସ ୨୧ ତାରିଖରେ ହେବାକୁ ଥିବା ନୀଟ୍-ୟୁ.ଜି. ପୁନଃ ପରୀକ୍ଷାପାଇଁ ସରକାର ସଜାଗ ରହିବା ସହ ନୂତନ ବ୍ୟବସ୍ଥା ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମେହେଟ୍ଟା କହିଛନ୍ତି ।

## ପ୍ରଧାନ - ଇଣ୍ଟରଭ୍ୟୁ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ମାମଲା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହା ଘଟିବା ଉଚିତ ନ ଥିଲା । ଡି.ଡି. ନ୍ୟୁଜ୍‌କୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ଶ୍ରୀ ପ୍ରଧାନ କହିଛନ୍ତି, ପୁନଃ ପରୀକ୍ଷା ପ୍ରକ୍ରିୟା ତ୍ରୁଟିଶୂନ୍ୟ ଏବଂ ବ୍ୟବସ୍ଥିତ ଉପାୟରେ ପରିଚାଳନା କରାଯିବ । କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବାପାଇଁ ଶ୍ରୀ ପ୍ରଧାନ ସମସ୍ତଙ୍କ ସହଯୋଗପାଇଁ ନିବେଦନ କରିଛନ୍ତି । ଛାତ୍ରମାନଙ୍କୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଆଶ୍ୱାସନା ଦେଇ କହିଛନ୍ତି, ସରକାର ସେମାନଙ୍କ ଚିନ୍ତାକୁ ବୁଝିଛନ୍ତି ଏବଂ ସେମାନଙ୍କର

ବିଶ୍ୱାସ ଭଙ୍ଗ ହୋଇଥିବା ସ୍ୱୀକାର କରୁଛନ୍ତି । ଜଣେ ହେଲେ ବି ଯୋଗ୍ୟ ଛାତ୍ରର ଭବିଷ୍ୟତ ପରୀକ୍ଷା ମାଫିଆଙ୍କ ହାତରେ ନ ପଡୁ କିମ୍ବା ଅନିୟମିତତାର ଶିକାର ନ ହେଉ, ସେଥିପାଇଁ କର୍ତ୍ତୃପକ୍ଷ କଠୋର ନିଷ୍ପତ୍ତି ଗ୍ରହଣ କରୁଛନ୍ତି । ଗୁଣବତ୍ତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ଶିକ୍ଷାମନ୍ତ୍ରୀ କହିଛନ୍ତି, ପରୀକ୍ଷା ବ୍ୟବସ୍ଥାରେ ନିରପେକ୍ଷତା ବଜାୟ ରଖିବାପାଇଁ ଏହି ନିଷ୍ପତ୍ତି ନିଆଯାଇଛି ।

***Voice (Pradhan)*** :..........

ପରୀକ୍ଷା ପ୍ରକ୍ରିୟାକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ଭବିଷ୍ୟତରେ ପରୀକ୍ଷା ପ୍ରକ୍ରିୟାରେ କୌଣସି ପ୍ରକାର ତ୍ରୁଟିକୁ ରୋକିବାପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ଶ୍ରୀ ପ୍ରଧାନ କହିଛନ୍ତି, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ – ସି.ବି.ଆଇ. ପ୍ରଶ୍ନପତ୍ର ପ୍ରଘଟ ମାମଲାର ବ୍ୟାପକ ଅନୁସନ୍ଧାନ କରିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସରକାର ନିଶ୍ଚିତ କରୁଛନ୍ତି ।

ସି.ବି.ଏସ୍.ଇ. ପୁନଃ ମୂଲ୍ୟାୟନ ପୋର୍ଟାଲ୍‌ରେ ସାମ୍ପ୍ରତିକ ତ୍ରୁଟି ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ପ୍ରଧାନ କହିଛନ୍ତି, ସି.ବି.ଏସ୍.ଇ. ଛାତ୍ରଛାତ୍ରୀମାନଙ୍କପାଇଁ ଏକ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ଡିଜିଟାଲ୍ ମୂଲ୍ୟାୟନ ପ୍ରକ୍ରିୟା ସୁନିଶ୍ଚିତ କରିବା ସହିତ ସମସ୍ତ ବୈଷୟିକ ସମସ୍ୟାର ସମାଧାନପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ଗୋଟିଏ ବ୍ୟାଙ୍କ୍ ଉପରେ ନିର୍ଭରଶୀଳ ହେବା ବଦଳରେ ବୋର୍ଡ଼

ପୁନଃ ମୂଲ୍ୟାୟନ ଆବେଦନପାଇଁ ପେମେଣ୍ଟ ଗେଟ୍‌ୱେ ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌କୁ ସାମିଲ୍ କରିଛି ।

## ସି.ବି.ଏସ୍.ଇ. ପୋଷ୍ଟ ରେଜଲ୍‌ଟ ପୋର୍ଟାଲ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସି.ବି.ଏସ୍.ଇ. ପକ୍ଷରୁ, ପରୀକ୍ଷା ଫଳାଫଳ ପରବର୍ତ୍ତୀ କାର୍ଯ୍ୟକଳାପ ପାଇଁ ଆସନ୍ତା ସୋମବାରଠାରୁ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହେବ। ପରୀକ୍ଷା ପରେ ଉତ୍ତର ଖାତାର ପୁନଃମୂଲ୍ୟାୟନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସିବିଏସ୍‌ଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀମାନେ ସି.ବି.ଏସ୍.ଇ. ଟେଲି ପରାମର୍ଶ ହେଲ୍ପଲାଇନ୍ ୧୮୦୦-୧୧-୮୦୦୪ରେ ଯୋଗାଯୋଗ କରି ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ।

## ହେଲ୍‌ଥ୍-ୱାର୍ଲଡ୍ ନୋ ଟବାକୋ ଡେ ଆପ୍

ବିଶ୍ୱ ତମାଖୁ ନିଷେଧ ଦିବସ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ନୂଆଦିଲ୍ଲୀରେ ଆଜି ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଆପ୍ଲିକେସନ୍-ଟୋଫେଇର ପାଇଲଟ୍ ସଂସ୍କରଣକୁ ଉନ୍ମୋଚନ କରିଛନ୍ତି । ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକୁ ତମାଖୁମୁକ୍ତ କରିବା ଏହି

ଆପ୍‌ର ଲକ୍ଷ୍ୟ ରହିଛି । ଏହି ଆପ୍ ମାଧ୍ୟମରେ ଶିକ୍ଷାନୁଷ୍ଠାନଗୁଡ଼ିକଦ୍ୱାରା ଆତ୍ମ-ମୂଲ୍ୟାୟନ ଏବଂ ରିପୋର୍ଟିଂକୁ ସହଜ ଓ ସରଳ କରିବା ସହିତ ତମାଖୁମୁକ୍ତ ନିର୍ଦ୍ଦେଶାବଳୀର ଅନୁପାଳନ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଇପାରିବ । ଏହାଦ୍ୱାରା ଶିକ୍ଷାନୁଷ୍ଠାନର ୧୦୦ ଗଜ ପରିସୀମା ମଧ୍ୟରେ ତମାଖୁ ଉତ୍ପାଦ ବିକ୍ରୟକୁ ନିଷିଦ୍ଧ କରାଯାଇପାରିବ । ସୁଶ୍ରୀ ଶ୍ରୀବାସ୍ତବ କହିଛନ୍ତ. ଚଳିତ ବର୍ଷର ବିଶ୍ୱ ତମାଖୁ ନିଷେଧ ଦିବସ ବାର୍ତ୍ତା ରହିଛି **"ନିକୋଟିନ୍ ଏବଂ ତମାଖୁ ନିଶାର ମୁକାବିଲା କରିବା : ନିବେଦନର ସତ୍ୟତାକୁ ଉନ୍ମୋଚନ କରିବା"** । ତମାଖୁ ଏବଂ ନିକୋଟିନ୍ ନିଶାର କ୍ଷତିକାରକ ପ୍ରଭାବରୁ ଯୁବପିଢ଼ିକୁ ସୁରକ୍ଷା ଦେବା ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ସେ କହିଛନ୍ତି । ତମାଖୁ ସେବନଦ୍ୱାରା କର୍କଟ ରୋଗ, ହୃଦ୍‌ରୋଗ, ଷ୍ଟ୍ରୋକ୍ ଏବଂ ଦୀର୍ଘକାଳୀନ ଶ୍ୱାସକ୍ରିୟା ରୋଗରେ ଲୋକମାନେ ପୀଡ଼ିତ ହୋଇଥା'ନ୍ତି । ଦେଶର ବିଭିନ୍ନ ହସ୍ପିଟାଲ୍, ମେଡିକାଲ୍ କଲେଜ, ଆୟୁଷ୍ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ୨ ହଜାରରୁ ଅଧିକ ତମାଖୁ ନିବାରଣ କେନ୍ଦ୍ର ସ୍ଥାପନ କରାଯାଇଛି । ଶିକ୍ଷାନୁଷ୍ଠାନ ଏବଂ ଅଂଶୀଦାରମାନଙ୍କୁ ଟୋଫେଇର ପାଇଲଟ୍ ପର୍ଯ୍ୟାୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହିତ ଶିକ୍ଷାନୁଷ୍ଠାନ ପରିସରଗୁଡ଼ିକରେ ତମାଖୁମୁକ୍ତ ଅଭ୍ୟାସ ଅନୁପାଳନ ସୁଦୃଢ଼ କରିବାକୁ ସଚିବ ଆହ୍ୱାନ ଦେଇଛନ୍ତି ।

## ଇଣ୍ଟର-ମିନିଷ୍ଟେରିଆଲ୍ ବ୍ରିଫିଂ

ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍.ପି.ଜି. ମହଜୁଦ ରହିଛି ଏବଂ ସମସ୍ତ ତୈଳ ବିଶୋଧନାଗାର ସର୍ବୋଚ୍ଚ କ୍ଷମତାରେ କାର୍ଯ୍ୟ କରୁଛନ୍ତି ବୋଲି ସରକାର କହିଛନ୍ତି । ନୂଆଦିଲ୍ଲୀରେ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଏଲ୍.ପି.ଜି. ଉତ୍ପାଦନ ପ୍ରତିଦିନ ପ୍ରାୟ ୯୨ ହଜାର ମେଟ୍ରିକ୍ ଟନ୍ ରହିଛି, ଯାହା ସର୍ବକାଳୀନ ସର୍ବାଧିକ । ଏଲ୍.ପି.ଜି. ବିତରକଙ୍କ ପାଖରେ ପର୍ଯ୍ୟାପ୍ତ ଏଲ୍.ପି.ଜି. ମହଜୁଦ ରହିଛି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ୍ କୁମାର ଶର୍ମା କହିଛନ୍ତି, ଏକ ବାଣିଜ୍ୟିକ ଜାହାଜ ନିସୋସ୍ କେରୋସ୍ ଅଶୋଧିତ ତୈଳ ବହନ କରି ନିରାପଦରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି । ଜୁନ୍ ୩ ତାରିଖରେ ବିଶାଖା ପାଟଣାରେ ପହଞ୍ଚିବାର ଆଶା କରାଯାଉଛି ।

## ଡବ୍ଲ୍ୟୁ.ଏଚ୍.ଓ. - ଇବୋଲା

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋରେ ଇବୋଲାର ୯୦୬ଟି ସନ୍ଦିଗ୍ଧ ମାମଲା ରହିଛି । ସେଥିମଧ୍ୟରୁ ୨୨୩ଟି ସନ୍ଦିଗ୍ଧ

ମୃତ୍ୟୁର ତଦନ୍ତ କରାଯାଉଛି । ସେ ଦେଶରେ ଇବୋଲାର ବୁଣ୍ଡିବୁଗ୍ୟୋ ଷ୍ଟ୍ରେନ୍’ର ପ୍ରକୋପ ଜାରି ରହିଛି ଏବଂ ଉଗାଣ୍ଡାରେ ମଧ୍ୟ ଏହି ମାମଲା ରିପୋର୍ଟ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚନା ଅନୁଯାୟୀ କଙ୍ଗୋରେ ଇବୋଲାର ୧୨୫ଟି ନିଶ୍ଚିତ ମାମଲା ରହିଛି । ସେଥିରେ ଇଟୁରି, ଉତ୍ତର ଓ ଦକ୍ଷିଣ କିଭୁରେ ୧୭ଟି ନିଶ୍ଚିତ ମୃତ୍ୟୁ ଅନ୍ତର୍ଭୁକ୍ତ । ଉଗାଣ୍ଡାରେ ଇବୋଲାର ୭ଟି ନିଶ୍ଚିତ ମାମଲା ଏବଂ ଜଣକର ମୃତ୍ୟୁ ରିପୋର୍ଟ ମିଳିଛି । ତେବେ ଗୋଷ୍ଠୀ ସଂକ୍ରମଣର କୌଣସି ରିପୋର୍ଟ ହୋଇ ନାହିଁ । ପୂର୍ବ କଙ୍ଗୋରେ ଇବୋଲା ପ୍ରକୋପ ଦୁଇମାସ ପୂର୍ବରୁ ଆରମ୍ଭ ହୋଇଥିଲା । ଇବୋଲାର ବୁଣ୍ଡିବୁଗ୍ୟୋ ଷ୍ଟ୍ରେନ୍‌ପାଇଁ ବିଶେଷଭାବେ କୌଣସି ଅନୁମୋଦିତ ଟିକା କିମ୍ବା ଚିକିତ୍ସା ଉପଲବ୍ଧ ନାହିଁ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ’ ରାଜସ୍ଥାନ ରୟାଲ୍‌ସକୁ ଭେଟିବ । ଏହି ମ୍ୟାଚ୍ ନିଯୁ ଚଣ୍ଡୀଗଡ଼ସ୍ଥିତ ମହାରାଜା ଯାଦବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ଟସ୍ ଜିତି ରାଜସ୍ଥାନ ରୟାଲ୍‌ସ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଆଜି ମ୍ୟାଚ୍‌ର ବିଜୟୀ ଦଳ ଆସନ୍ତା ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି

ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଆଇ.ପି.ଏଲ୍.ର ଚଳିତ ସଂସ୍କରଣର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ ।

*****